

"ମନୁଷ୍ୟ ଯେତେବେଳେ ସଦ୍‌ଗୁଣଗୁଡ଼ିକ ହରାଇ ଦେଉଥାଏ, ସେତିକିବେଳେ ତା'ର ଧନ ପ୍ରତି ଲୋଭ ବଢ଼ିଯାଉଥାଏ।
- ବେନ୍ ଜନ୍‌ଶନ୍




ଟିକିରିରେ ମା' ଗଜଲକ୍ଷ୍ମୀଙ୍କୁ ପୂଜା କରାଯାଉଛି।


ଗୁଣପୁର ଗଜଲକ୍ଷ୍ମୀ ପୂଜା ପାଇଁ କଳସ ଶୋଭାଯାତ୍ରା।


ଟିକିରିରେ ବୃନ୍ଦାବତୀଙ୍କ ନିକଟରେ କୁମାରୀମାନେ ପୂଜା କରୁଛନ୍ତି।

## ସଂକ୍ଷେପରେ

### ଅଗ୍ନିକାଣ୍ଡରେ ୧୫ ବଖରା ଭସ୍ମୀଭୂତ

**ଗୁଣପୁର,୨୪।୧୦(ଡି.ଏନ.ଏ):** ରାୟଗଡ଼ା ଜିଲା ଗୁଣପୁର ବ୍ଲକ୍ ଚାଲକମ୍ବା ପଞ୍ଚାୟତ କାଲମାଠାରେ ବୁଧବାର ସନ୍ଧ୍ୟାରେ ଅଗ୍ନିକାଣ୍ଡରେ ୧୫ ବଖରା ଘର ଭସ୍ମୀଭୂତ ହୋଇଯାଇଛି। ନିଆଁ ଲାଗିବାର କାରଣ ସ୍ପଷ୍ଟ ଜଣାପଡ଼ି ନ ଥିବାବେଳେ ଦୀପ ନିଆଁରୁ ଏପରି ହୋଇଥିବା ଅନୁମାନ କରାଯାଉଛି। ଅଗ୍ନିଶମ ଗାଡ଼ି ପହଁଞ୍ଚିବା ପୂର୍ବରୁ ଲୋକମାନେ ପାଣି ପକାଇ ନିଆଁ ଲିଭାଇବାକୁ ଉଦ୍ୟମ କରିଥିଲେ ମଧ ବିଫଳ ହୋଇଥିଲେ। ଗୁଣପୁରରୁ ୨ଟି ଦମକଳ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରଥିଲେ। ଏଥିସହ ରାଜସ୍ୱ ନିରୀକ୍ଷକ ମଧ ପହଞ୍ଚି ପରିସ୍ଥିତି ଅନୁଧ୍ୟାନ କରିଛନ୍ତି। କୁନ୍ଦୁରି ଶବର, ଜାଗିଲି ଶବର, ସହଦେବ ଶବର, ଉଷା ପ୍ରଧାନ ଏବଂ ସିମେନ୍ତ୍ରୀ ପ୍ରଧାନଙ୍କ ଘର ପୋଡ଼ି ପାଉଁଶ ହୋଇଯାଇଛି।

### ଭାଜପା ପକ୍ଷରୁ ତହସିଲଦାରଙ୍କୁ ଦାବିପତ୍ର

**ଟିକିରି, ୨୪।୧୦ (ଡି.ଏନ୍.ଏ.):** ରାଜ୍ୟରେ ବେକାର ସମସ୍ୟା ବଢ଼ି ଚାଲୁଥିବାବେଳେ ନବୀନ ପଟ୍ଟନାୟକଙ୍କ ନେତୃତ୍ୱାଧୀନ ସରକାର ଯୁବତୀ ଯୁବକଙ୍କୁ ଥଇଥାନ କରିବା ଦିଗରେ ବିଫଳ ହୋଇଥିବା ଭାଜପା ଅଭିଯୋଗ କରିଛି। ବୁଧବାର ଭାଜପା କର୍ମକର୍ତ୍ତା ସହିତ ଶତାଧିକ କର୍ମୀ ବେକାର ସମସ୍ୟା ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ରାୟଗଡ଼ା ଜିଲା କାଶୀପୁର ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ରାଜ୍ୟ ସରକାର ଶିଳ୍ପାୟନର କରୁଥିବାବେଳେ କାଶୀପୁର ବ୍ଲକ ସହିତ ରାଜ୍ୟରୁ ଅନେକ ଦାଦନ ଖଟିବାକୁ ରାଜ୍ୟ ବାହାରକୁ ଯାଉଥିବା ଅଭିଯୋଗ କରାଯାଇଛି। କୃଷି ଓ ଅନୁସଙ୍ଗିକ ଶିଳ୍ପ ପ୍ରତିଷ୍ଠା ଓଡ଼ିଶା ସରକାର ଯୋଜନାରେ ମଧ ନାହିଁ। ଯୁବତୀ ଯୁବକଙ୍କୁ ତୁରନ୍ତ ଆତ୍ମନିଯୁକ୍ତି ବ୍ୟବସ୍ଥା ନ କଲେ ରାଜ୍ୟ ବ୍ୟାପୀ ଆନ୍ଦୋଳନ କରାଯିବ ବୋଲି ଦଳ ପକ୍ଷରୁ କୁହାଯାଇଛି। ଆଦିବାସୀ ମୋର୍ଚ୍ଚା ଜିଲା ସଭାପତି ବସନ୍ତ ଉଲ୍ଲାକାଙ୍କ ନେତୃତ୍ୱରେ ଭାରପ୍ରାପ୍ତ ତହସିଲଦାର ତଥା ବିଡ଼ିଓ ଦେବଧର ପ୍ରଧାନଙ୍କୁ ବିଜେପି ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଛି। ଏଥିରେ ଆଦିବାସୀ ମୋର୍ଚ୍ଚା ସମ୍ପାଦକ ବେଲଧର ମାଝି, ଯୁବମୋର୍ଚ୍ଚା ଜିଲା ସଭାପତି ନିଳାଦ୍ରି ବିହାରୀ ପାତ୍ର, କିଶୋର ଦିଶାରି, ଭବା ନାୟକ, ଉମାଶଙ୍କର ନାୟକ, ସୁବାସ ଚନ୍ଦ୍ର ବେହେରା ସାମିଲ ଥିଲେ।

# ରାଜସ୍ଥାନରେ ବିକ୍ରି ଯୁବତୀ ଉଦ୍ଧାର

**ରାୟଗଡା ଅଫିସ୍, ୨୪।୧୦**

- ରାୟଗଡ଼ା ଆଣିଲା ସ୍ୱତନ୍ତ୍ର ଟିମ୍
- ଜିଲାପାଳଙ୍କୁ ଭେଟିଲେ

ରାଜସ୍ଥାନରେ ୧ ଲକ୍ଷ ଟଙ୍କାରେ ଦଲାଲ୍‌ଙ୍କ ଦ୍ୱାରା ବିକ୍ରି ହୋଇଥିବା ରାୟଗଡ଼ା ଜିଲା ଚାନ୍ଦିଲି ଥାନା ତଥା କୋଲନରା ବ୍ଲକ୍ ଅନ୍ତର୍ଗତ ଝିଞ୍ଜିଲିବାଡ଼ି ଗ୍ରାମର ଯୁବତୀଙ୍କୁ ଉଦ୍ଧାର କରାଯାଇଛି। ଦଲାଲ୍ ଦାଦନ ଖଟାଇବାକୁ ନେଇ ଉକ୍ତ ଯୁବତୀଙ୍କୁ ରାଜସ୍ଥାନରେ ବିକ୍ରି କରିଦେଇଥିବା ଅଭିଯୋଗ ପରେ ରାୟଗଡ଼ା ଜିଲା ପ୍ରଶାସନ ପକ୍ଷରୁ ଗଠିତ ସ୍ୱତନ୍ତ୍ର ଟିମ୍, ସ୍ଥାନୀୟ ପ୍ରଶାସନ ଏବଂ ପୋଲିସ୍ ସହାୟତାରେ ଯୁବତୀଙ୍କୁ ରାଜସ୍ଥାନରୁ ଉଦ୍ଧାର କରାଯାଇଛି। ଯୁବତୀଙ୍କୁ ଅଟକ ରଖିଥିବା ହରିଆନ ମେହେଙ୍ଗା ଘଟଣାସ୍ଥଳରୁ ଫେରାର୍ ହୋଇଯାଇଥିବା ଜଣାପଡ଼ିଛି। ଉଦ୍ଧାର ଯୁବତୀଙ୍କୁ ସ୍ୱତନ୍ତ୍ର ଟିମ୍ ସାଙ୍ଗରେ ଆଣି ବୁଧବାର ରାୟଗଡ଼ାରେ ପହଞ୍ଚିଥିଲେ। ଉକ୍ତ ଟିମ୍ ସମେତ ଉଦ୍ଧାର ଯୁବତୀ ଏବଂ ତାଙ୍କ ପରିବାରବର୍ଗ ବୁଧବାର ସନ୍ଧ୍ୟାରେ ଜିଲାପାଳ ଗୁହା ପୁନମ ତାପସ କୁମାରଙ୍କୁ ସାକ୍ଷାତ କରିଛନ୍ତି। ଜିଲାପାଳଙ୍କ ଉଦ୍ୟମକୁ ସାଧାରଣରେ ପ୍ରଶଂସା କରାଯାଇଛି। ଘଟଣା ଅନୁସାରେ, ଝିଅକୁ ରାଜସ୍ଥାନରେ ୧ ଲକ୍ଷ ଟଙ୍କାରେ ଦଲାଲ୍ ବିକ୍ରି କରିଦେଇଥିବା ନେଇ ଗତ ୧୬ ତାରିଖରେ ମା' ହିମିରିକା ଗୋରିମଣୀ ଓ ତାଙ୍କ ଭ୍ରାଇଁ ଏବଂ ସମ୍ପର୍କୀୟମାନେ ରାୟଗଡ଼ା ଜିଲାପାଳଙ୍କୁ ସାକ୍ଷାତକରି ଘଟଣା ସମ୍ପର୍କରେ ଅବଗତ କରାଇବା ସହିତ ଏକ ଲିଖିତ ଦାବିପତ୍ର ପ୍ରଦାନ କରିଥିଲେ । ଏଥିସହ ଜିଲା ଶ୍ରମ ଅଧିକାରୀଙ୍କ ନିକଟରେ ଦ୍ୱାରସ୍ଥ ହୋଇ ମଧ ଲିଖିତ ଦାବିପତ୍ର ପ୍ରଦାନ କରିବା ସହିତ ବିକ୍ରି ହୋଇଥିବା ଯୁବତୀଙ୍କୁ ଉଦ୍ଧାର କରିବା ନିମନ୍ତେ ଅନୁରୋଧ କରିଥିଲେ। ଯୁବତୀଙ୍କୁ ରାଜସ୍ଥାନରୁ ଉଦ୍ଧାର କରିବା ନିମନ୍ତେ ଏକ ସ୍ୱତନ୍ତ୍ର ଟିମ୍ ଗଠନକରି ଘଟଣାସ୍ଥଳକୁ ଯାଇ ଉଦ୍ଧାର କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ । ଏଥିସହ ରାଜସ୍ଥାନର ବାରନ ଜିଲାର ଜିଲାପାଳଙ୍କୁ ଏକ ସ୍ୱତନ୍ତ୍ର ଚିଠି ପ୍ରଦାନ କରିଥିଲେ । ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଏପିଡି ଆଜାତଶତ୍ରୁ ରାଉତ, ଏସ୍ଆଇ ପି.କେ ମିଶ୍ର, ସହକାରୀ ଶ୍ରମ ଅଧିକାରୀ ଛୋଟରାଏ ଟୁଡୁଙ୍କୁ ନେଇ ଗଠିତ ଏକ ୩ ଜଣିଆ ଟିମ୍ ଯୁବତୀଙ୍କ ମା'ଙ୍କୁ ସାଙ୍ଗରେ ନେଇ ରାଜସ୍ଥାନ ଅଭିମୁଖେ ଯାତ୍ରା କରିଥିଲେ । ରାୟଗଡା ଜିଲା ପ୍ରଶାସନର ଅନୁରୋଧକ୍ରମେ ରାଜସ୍ଥାନ ବାରନ ଜିଲାର ବାଉଁଶକେଲା ଗ୍ରାମରୁ ଜିଲା ପ୍ରଶାସନ ସହଯୋଗରେ ରାୟଗଡ଼ା ଜିଲା ପ୍ରଶାସନର ସ୍ୱତନ୍ତ୍ର ଟିମ୍ ଦ୍ୱାରା ଯୁବତୀଙ୍କୁ ବନ୍ଧକ ରଖାଯାଇଥିବା ହରିଆନ ମେହେଙ୍ଗା ନାମକ ଜଣେ ବ୍ୟକ୍ତିଙ୍କ ଘରୁ ଉଦ୍ଧାର କରାଯାଇଛି। ଏଥିରେ ସ୍ଥାନୀୟ ପୋଲିସ ସହଯୋଗ କରିଥିଲା।

- ଜେକେ କାଗଜକଳ ପକ୍ଷରୁ ନିର୍ମିତ

# ୧୫ ଗୋଷ୍ଠୀ ଶୌଚାଳୟ ଲୋକାର୍ପିତ


ମୁଖ୍ୟ ଅତିଥି ଶୌଚାଳୟ ଉଦ୍‌ଘାଟନ କରୁଛନ୍ତି।

**ଜେକେପୁର/ ରାୟଗଡ଼ ଅଫିସ, ୨୪।୧୦(ଡି.ଏନ.ଏ)**

ରାୟଗଡା ଜିଲା ଜେକେପୁରସ୍ଥିତ ଜେକେ କାଗଜକଳର ପାରିପାର୍ଶ୍ୱିକ ଉନ୍ନତୀକରଣରେ ସ୍ଥାନୀୟ ସାନଚାନ୍ଦିଲିର ହରିଜନ ସାହି, ଆଦିବାସୀ ସାହିରେ ନିର୍ମିତ ୧୫ଟି ଗୋଷ୍ଠୀ ଶୌଚାଳୟକୁ ବୁଧବାର ଲୋକାର୍ପଣ କରାଯାଇଛି। ସାନଚାନ୍ଦିଲିରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜେକେ କାଗଜକଳର କାର୍ଯ୍ୟନିର୍ବାହୀ ଉପସଭାପତି ପବନ କୁମାର ସୂରୀ ଯୋଗଦେଇ ଏହି ସବୁ ଗୋଷ୍ଠୀ ଶୌଚାଳୟର ଲୋକାର୍ପଣ କରିଛନ୍ତି। ସେ କହିଥିଲେ ଯେ, ବାହାରକୁ ଶୌଚ ପାଇଁ ଯାଉଥିବା ବ୍ୟକ୍ତି ବିଭିନ୍ନ ରୋଗ ସଂକ୍ରମଣର ଶିକାର ହେବା ସହ ତାଙ୍କ ପରିବାରବର୍ଗ ମଧ ଏଥିରେ ପୀଡିତ ହୋଇଥାନ୍ତି। ତେଣୁ ବାହାରକୁ ଶୌଚ ପାଇଁ ନ ଯାଇ ଶୌଚାଳୟର ବ୍ୟବହାର କରିବା ଉଚିତ। ଜେକେ କାଗଜକଳର ସିଏସଆର ବିଭାଗ ପକ୍ଷରୁ ୧୮ଲକ୍ଷ ଟଙ୍କା ବ୍ୟୟରେ ଆଦିବାସୀ ସାହି ଓ ହରିଜନ ସାହିରେ ୧୦ଟି ଲେଖାଏ ଗୋଷ୍ଠୀ ଶୌଚାଳୟ ନିର୍ମାଣ କରାଯାଇଥିବାବେଳେ ଏବେ ୧୫ଟିର ଲୋକାର୍ପଣ କରାଯାଇଛି। ହରିଜନ ସାହିରେ ଅର୍ଦ୍ଧନିର୍ମିତ ଆଉ ୫ଟି ଶୌଚାଳୟର ଯଥାଶୀଘ୍ର ନିର୍ମାଣ ସମ୍ପୂର୍ଣ୍ଣ କରାଯାଇ ଲୋକାର୍ପଣ କରାଯିବ ବୋଲି ଜେକେ କାଗଜକଳର ବରିଷ୍ଠ ଲୋକ ସମ୍ପର୍କ ଅଧିକାରୀ ସୁନୀଲ କୁମାର ନାଥ କହିଛନ୍ତି। ସରପଞ୍ଚ ପେଦେଣ୍ଟି ସୁଆଇ ମଧ ଶୌଚାଳୟ ବ୍ୟବହାରର ଉପକାରିତା ସମ୍ବନ୍ଧରେ ବାର୍ତ୍ତା ଦେଇଥିଲେ। କାର୍ଯ୍ୟକ୍ରମରେ ଆଦିବାସୀ ଗୋଷ୍ଠୀ ଉନ୍ନୟନ ସଭ୍ୟ ସୋମନାଥ ସାରକା, ଆଲୋକ ଛତ୍ରିଆ, ସୁଶାନ୍ତ ରାଏ, ଅର୍ଜୁନ କାଡ୍ରକା ଏବଂ ପେଦେଣ୍ଟି ରାମୁ ପ୍ରମୁଖ ଉପସ୍ଥିତ ଥିଲେ।

# ଶହ ଶହ ଏକର ଧାନ ଫସଲରେ ପୋକ

**ବିଷମକଟକ,୨୪।୧୦(ଡି.ଏନ୍.ଏ.)**


ପୋକ ଲାଗିଥିବା ଧାନ ଫସଲକୁ ଚାଷୀ ଦେଖାଉଛନ୍ତି।

**ବଢ଼ୁଛି ଚିନ୍ତା**
- ପାତ୍ରଗୁଡ଼ା ଅଞ୍ଚଳ ବିଶେଷ ପ୍ରଭାବିତ
- ଚକଡ଼ା ଆଶଙ୍କା କରୁଛନ୍ତି ଚାଷୀ
- ଧାନ ଦେଉନାହିଁ କୃଷି ବିଭାଗ

ରାୟଗଡ଼ା ଜିଲା ବିଷମକଟକ ବ୍ଲକର ବିଭିନ୍ନ ସ୍ଥାନରେ ଧାନଚାଷ ରୋଗପୋକ ଦ୍ୱାରା ଆକ୍ରାନ୍ତ ହୋଇଛି। ବିଶେଷ କରି ଏହି ବ୍ଲକର ଭାତହାଣ୍ଡି କୁହାଯାଉଥିବା ପାତ୍ରଗୁଡ଼ା ଅଞ୍ଚଳର ଧାନଚାଷ ରୋଗ ଓ ପୋକ ଦ୍ୱାରା ବ୍ୟାପକ ଭାବେ ପ୍ରଭାବିତ ହୋଇଛି। ଶହଶହ ଏକର ଧାନଜମି ନଷ୍ଟ ହେବାକୁ ବସିଲାଣି । ପ୍ରାୟ ୧୫ ଦିନ ହେଲାଣି ଧାନଗଛ ଶୁଖିଯିବା ସହ ପତ୍ର ଓ କାଣ୍ଡ ହଳଦିଆ ପଡ଼ିଯାଉଛି। ଅନେକ ଜମିରେ ଧାନଗଛ ମୂଳରେ ଧଳାଚିହ୍ନ ହେବା ସହ ପୋକ ଲାଗିଛି। ଲୋକେ ଏହାକୁ ଚକଡ଼ା ଆକ୍ରାନ୍ତ ହୋଇଥିବା ଭାବୁଛନ୍ତି । ଏଭଳି ପରିସ୍ଥିତି ଦେଖିବା ପରେ ପ୍ରଥମେ ଲୋକେ କୃଷି ବିଭାଗର ପରାମର୍ଶ ନେଇ ଔଷଧ ସିଞ୍ଚନ କରିଥିଲେ । ବାରମ୍ବାର କୀଟନାଶକ ପକାଇବା ପରେ ମଧ କୌଣସି ଫଳ ମିଳିଲା ନାହିଁ । ବରଂ ଦିନକୁ ଦିନ ଅଧିକରୁ ଅଧିକ ଧାନଜମିକୁ ଏହା ବ୍ୟାପିବାରେ ଲାଗିଥିବାରୁ ଚାଷୀ ହତାଶ ହୋଇପଡ଼ିଲେଣି। ଏବେ ବାରମ୍ବାର ଅଭିଯୋଗ କଲେ ମଧ କୃଷି ଅଧିକାରୀ କିମ୍ବା କର୍ମଚାରୀ ରୋଗପୋକ ପ୍ରତିକାର ପ୍ରତି ଧାନ ଦେଉ ନଥିବା ଚାଷୀ କହିଛନ୍ତି। ଅଞ୍ଚଳରେ ଭାଗଚାଷ କରି ବଞ୍ଚୁଥିବା ଚାଷୀ ଫସଲ ଉପରୁ ଆଶା ଛାଡ଼ି ଦେଲେଣି । ଫସଲହାନି ସମ୍ପର୍କରେ ବିଷମକଟକ ବ୍ଲକ୍ ସହକାରୀ କୃଷି ଅଧିକାରୀ ଶିଶିର କୁମାର ବିଷୋୟୀଙ୍କୁ ଫୋନ୍ ଜରିଆରେ ଯୋଗାଯୋଗ କରାଯାଇଥିଲେ ମଧ ତାହା ସମ୍ଭବ ହୋଇପାରି ନାହିଁ । କୃଷି ବିଭାଗ ତୁରନ୍ତ ଦୃଷ୍ଟିଦେଇ ଏହାର ପ୍ରତିକାର କରିବା ପାଇଁ ଅଞ୍ଚଳର ଚାଷୀ ଦାବି କରିଛନ୍ତି।

## ବିଜେଡିର ଜନସମ୍ପର୍କ ପଦଯାତ୍ରା

**ଜେକେପୁର/ ରାୟଗଡ଼ ଅଫିସ, ୨୪।୧୦(ଡି.ଏନ.ଏ)**

ରାୟଗଡା ବ୍ଲକ ବିଜୁ ଜନତା ଦଳ ପକ୍ଷରୁ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। କର୍ମୀମାନେ ସ୍ଥାନୀୟ କୋଟାପେଟାଠାରୁ ଅମ୍ଳାଭଟ୍ଟା ଛକ ପର୍ଯ୍ୟନ୍ତ ୭କି.ମି. ପଦଯାତ୍ରା କରି ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଲୋକଙ୍କୁ ଅବଗତ କରାଇଥିଲେ। ରାଜ୍ୟସଭା ସାଂସଦ ଏନ.ଭାସ୍କର ରାଓ, ବିଧାୟକ ଲାଲବିହାରୀ ହିମିରିକା, ଜିଲା ସଭାନେତ୍ରୀ ଅନୁସୂୟା ମାଝି, ରାଜ୍ୟ ମହିଳା ବିଜେଡି ଉପସଭାପତି ସୁଜାତା ପାଳ, ବ୍ଲକ ଅଧ୍ୟକ୍ଷ ପି.ରାମୁଲୁ, ଏମ୍‌ପି ପ୍ରତିନିଧି ବି.ତିରୁପତି, ଜିଲା ପରିଷଦ ସଭ୍ୟ ପି. ଗୌରୀଶଙ୍କର, ସରପଞ୍ଚ ପେଦେଣ୍ଟି ସୁଆଇ, ଜିଲା ପରିଷଦ ସଭ୍ୟା ଅମ୍ବିକା ବିଡ଼ିକାଙ୍କ ସମେତ ଦୁଇଶହରୁ ଊର୍ଦ୍ଧ୍ୱ ବିଜେଡି କର୍ମୀ ପଦଯାତ୍ରାରେ ସାମିଲ ଥିଲେ।

# କାଶୀପୁରରେ ମହାସମାରୋହରେ ଗଜଲକ୍ଷ୍ମୀ ପୂଜା ପାଳିତ

**କାଶୀପୁର,୨୪।୧୦(ଡି.ଏନ୍.ଏ)**

କାଶୀପୁରରେ ସ୍ଥାନୀୟ ଲକ୍ଷ୍ମୀ ବଜାର ଛକ ନିକଟରେ ସବୁ ବର୍ଷ ଭଳି ଚଳିତ ବର୍ଷ ମଧ ଗଜଲକ୍ଷ୍ମୀ ପୂଜା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କଳସଯାତ୍ରା ଅନୁଷ୍ଠିତ ହୋଇଥିଲା। ଶତାଧିକ ମହିଳା ସ୍ଥାନୀୟ ଜଳାଶୟରୁ କଳସରେ ଜଳ ସଂଗ୍ରହ କରି ଏକ ଶୋଭାଯାତ୍ରାରେ ବାହାରି ନଗର ପରିକ୍ରମା ପରେ ମଣ୍ଡପରେ କଳସ ସ୍ଥାପନା କରାଯାଇଥିଲେ। ଏହା ପରେ ଜଗନ୍ନାଥ ମନ୍ଦିରରୁ ଆଜ୍ଞାମାଳ ନେବା ପରେ ମଣ୍ଡପରେ ରୀତିନୀତି ଅନୁସାରେ ପୂଜା ବିଧି ଆୟୋଜନ କରାଯାଇଥିଲା। ସନ୍ଧ୍ୟାରୁ ଲକ୍ଷ୍ମୀଙ୍କ ଦର୍ଶନ ନିମନ୍ତେ ମଣ୍ଡପରେ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ପୂଜାରେ କମିଟିର ଅନୀଲ କୁମାର ଜୈନ, ଜୟନ୍ତୁ ବୈଠାରୁ, ଯୋଗୀ ନାଏକ, କାମଲେ ନାଏକ,ମିଥୁନ ନାଏକ ପ୍ରମୁଖ ସହୋଯୋଗ କରିଥିଲେ।


କାଶୀପୁରରେ ଗଜଲକ୍ଷ୍ମୀ ପୂଜା ପାଇଁ କଳସ ଶୋଭାଯାତ୍ରା।



ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।

# ବାଲ୍ୟବିବାହ ରୋକିବାକୁ ମିଳିତ ଉଦ୍ୟମ ଲୋଡ଼ା

**ମୁନିଗୁଡ଼ା,୨୪।୧୦(ଡି.ଏନ୍.ଏ.)**

ବାଲ୍ୟ ବିବାହ ଏକ ସାମାଜିକ କୁପ୍ରଥା। ଯୁବତୀମାନଙ୍କ କ୍ଷେତ୍ରରେ ୧୮ ଏବଂ ଯୁବକମାନଙ୍କ କ୍ଷେତ୍ରରେ ୨୧ ବର୍ଷରୁ କମ୍ ବୟସରେ ବିବାହ କରିବା ଆଇନତଃ ଅପରାଧ। ସଚେତନତା ଅଭାବ କାରଣରୁ ଏହି କଳଙ୍କିତ ପ୍ରଥା ଆଜି ମଧ ଜାରି ରହିଥିବା ଦେଖିବାକୁ ମିଳୁଛି। ଏହା ରୋକିବା ପାଇଁ ସାମୂହିକ ଉଦ୍ୟମ ହେବା ଆବଶ୍ୟକ ବୋଲି ରାୟଗଡ଼ା ଜିଲା ମୁନିଗୁଡ଼ାଠାରେ ଭଲ୍ୟୁଣ୍ଟାରୀ ହେଲ୍‌ଥ ଆସୋସିଏଶନ ଅଫ୍ ଇଣ୍ଡିଆର ଆମ୍ପ୍ଲିଫାଏ ଚେଞ୍ଜ ପ୍ରକଳ୍ପ ସହାୟତା ଏବଂ ପ୍ରିୟା ସାମାଜିକ ସଙ୍ଗଠନ ପରିଚାଳନା କ୍ରମେ ରାୟଗଡ଼ା ଜିଲା ବାଲ୍ୟ ବିବାହ ନିରୋଧ ଏବଂ ଯୌନ ପ୍ରଜନନ ସ୍ୱାସ୍ଥ୍ୟ ଅଧିକାର ସେବା ସମ୍ବର୍ଦ୍ଧନ ସମ୍ପର୍କିତ ସହଯୋଗୀ ସଙ୍ଗଠନ ସମୂହ ମୂଲ୍ୟାଙ୍କନ କାର୍ଯ୍ୟକ୍ରମ ଉଦ୍‌ଘାଟନ ଉତ୍ସବ ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସ୍ୱତନ୍ତ୍ର ଜିଲା ଜନଜାତି ଉନ୍ନୟନ ପରିଷଦ ଅଧ୍ୟକ୍ଷ ଜଗନ୍ନାଥ ନୁଣ୍ଡ୍ରୁକା ମତ ବ୍ୟକ୍ତ କରିଛନ୍ତି। ସଙ୍ଗଠନ ରାଜ୍ୟ ସଂଯୋଜକ ସମୀର ସାହୁଙ୍କ ନେତୃତ୍ୱରେ ଏବଂ ପ୍ରିୟା ପ୍ରକଳ୍ପ ସଂଯୋଜକ ଗୌରାଙ୍ଗ ଚରଣ ରାଉତଙ୍କ ସଂଯୋଜନାରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ଆକ୍‌ସୁସ୍ ,ଶକ୍ତି, ସିଏସ୍‌ଡିଡ଼ି , ସ୍ୱରଧା, ପ୍ରିୟା, ଶିକ୍ଷା ସନ୍ଧାନ, ହର୍ଷଟ୍ରଷ୍ଟ, ସମନ୍ୱିତ ଶିଶୁ ବିକାଶ ଯୋଜନା, ନିସାଦ୍ରୀ, ପ୍ରେସ୍ କ୍ଲବ୍ , ପ୍ରେସ୍ ୟୁନିୟନ , ଆଶାକର୍ମୀ ଯୋଗଦେଇଥିଲେ। ପୋଲିସ ଏସଡିପିଓ ଚନ୍ଦ୍ର ଶେଖର ହୋତା ମୁଖ୍ୟ ବକ୍ତାଭାବେ ଯୋଗଦେଇ ବିଭିନ୍ନ ସ୍ତରରେ ବ୍ୟାପକ ଜନସଚେତନତା ଉକ୍ତ କଳଙ୍କିତ ପ୍ରଥା ବିଲୋପ କରିପାରିବ ବୋଲି ମତ ଦେଇଥିଲେ। ଜିଲା ପରିଷଦ ସଭ୍ୟ ରାମଚନ୍ଦ୍ର ବେହେରା, ସମିତି ସଭ୍ୟା ଲବଣୀ ପାଣିଗ୍ରାହୀ, ଅନନ୍ତ ସାମନ୍ତ, ଉତ୍ତମ ଦାସ, କିଶୋର ଚନ୍ଦ୍ର ପାତ୍ର , ପରିଦର୍ଶିକା ଆଗଥା ତିର୍କୀ, ଜାହ୍ନବୀ ବାବ୍ରୀ ପ୍ରମୁଖ ଦଳଗତ ଆଲୋଚନା ମାଧ୍ୟମରେ ତୃଣମୂଳ ସ୍ତରରେ ବ୍ୟାପକ ସଚେତନତା ଆବଶ୍ୟକ ଥିବା କହିଥିଲେ। ଗଣମାଧ୍ୟମ ପ୍ରତିନିଧି ସୀମାଞ୍ଚଳ ପଣ୍ଡା, ନନ୍ଦ କିଶୋର ପଟ୍ଟନାୟକ କାର୍ଯ୍ୟକ୍ରମରେ ନିଜ ନିଜର ମତ ରଖିଥିଲେ। ଲକ୍ଷ୍ମୀକାନ୍ତ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ଓଡ଼ିଶାର ପ୍ରଗତିରେ ଯୁବଶକ୍ତିର ଭୂମିକା ଜରୁରୀ

**ରାୟଗଡା ଅଫିସ୍, ୨୪।୧୦**

ସ୍ଥାନୀୟ ରାୟଗଡା ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ବିଜୁ ସଶକ୍ତୀକରଣ ଯୋଜନା ଅନ୍ତର୍ଗତ ବିଜୁ ଯୁବ ବାହିନୀର 'ମୁଁ ହିରୋ, ମୁଁ ଓଡ଼ିଶା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ରାୟଗଡ଼ା ଜିଲାପାଳ ଗୁହା ପୁନମ ତାପସ କୁମାର, ରାଜ୍ୟସଭା ସଦସ୍ୟ ଏନ୍. ଭାସ୍କର ରାଓ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସ୍ୱତନ୍ତ୍ର ଜିଲା ଜନଜାତି ଉନ୍ନୟନ ପରିଷଦ ଅଧ୍ୟକ୍ଷ ଜଗନ୍ନାଥ ନୁଣ୍ଡ୍ରୁକା, ବିଧାୟକ ଜଗନ୍ନାଥ ସାରକା, ବିଧାୟକ ତଥା ଜିଲା ଯୋଜନା କମିଟି ଅଧ୍ୟକ୍ଷ ଲାଲ୍‌ବିହାରୀ ହିମିରିକା, ଜିଲା ବିଜେଡି ସଭାପତି ସୁଧୀର ଦାଶ, ଆର୍‌ସିଏମ୍‌ଏସ୍‌ର ଅଧ୍ୟକ୍ଷା ବି. ତିରୁପତି, ପୃଥ୍ୱୀରାଜ ସାହୁ, ରାୟଗଡା ବିଡିଓ ରାଜେନ୍ଦ୍ର ମାଝୀ, ଅତିରିକ୍ତ ବିଡିଓ, ନୃସିଂହଚରଣ ପଟ୍ଟନାୟକ, ଜିଲା କ୍ରୀଡା ଅଧିକାରୀ ସେଖ୍ ଅଲି ନୁର୍, ରାୟଗଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧ୍ୟକ୍ଷ ଏନ୍.ସି ତ୍ରିପାଠୀ, ରାୟଗଡ଼ା ପୌର ପରିଷଦ ନିର୍ବାହୀ ଅଧିକାରୀ ଏମ୍.ଏଲ୍ ଜୈନ ପ୍ରମୁଖ ମଞ୍ଚାସୀନ ଥିଲେ । ଜଗନ୍ନାଥ ନୁଣ୍ଡ୍ରୁକା ଓଡ଼ିଶାର ପ୍ରଗତିରେ ଯୁବ ଶକ୍ତିର ଭୂମିକା ଏବଂ ରାଜ୍ୟରେ କୁସଂସ୍କାର, ଅନ୍ଧବିଶ୍ୱାସ ଦୂରୀକରଣ ନିମନ୍ତେ ଯୁବ ଶକ୍ତିର ସକ୍ରିୟ ଅଂଶଗ୍ରହଣ ସମ୍ପର୍କରେ ଆଲୋକପାତ କରିଥିଲେ। ଉତ୍ତମ ସ୍ନାତକ ଛାତ୍ର ରୂପେ ରାୟଗଡା ସ୍ୱୟଂଶାସିତ ମହାବିଦ୍ୟାଳୟର ବିଜ୍ଞାନରେ ଦିଲ୍ଲୀପ କୁମାର ସାହୁ, କଳାରେ ସନ୍ତୋଷୀ ମଲ୍ଲିକ, ବାଣିଜ୍ୟରେ କେ.ଭାନୁ ମନୀଷାଙ୍କୁ ସମ୍ମାନିତ କରାଯାଇଛି। ଯୁକ୍ତଦୁଇ ବାଣିଜ୍ୟରେ ଓଡ଼ିଶା ଟପର ସାଇ ପ୍ରବୀଣ ପଟ୍ଟନାୟକ, ଉତ୍ତମ ସେବା ନିମନ୍ତେ ଏନ୍.ଏସ୍.ଏସ୍‌ର କେ. ପୃଥ୍ୱୀରାଜ ପାତ୍ର, ଯୁବ ରେଡ୍‌କ୍ରସ୍‌ରେ ବି. ପବନ କୁମାର ଓ ଏନ୍‌ସିସି କ୍ୟାଡେଟ୍ ସୁରଜ ଖୋରାଙ୍କୁ ସମ୍ମାନୀତ କରାଯାଇଛି। ସେହିପରି ରାଜ୍ୟସ୍ତରୀୟ ତେକ୍ୱାଣ୍ଡୋ, ବକ୍ସିଂ, କରାଟେ ଓ ମାର୍ଶାଲ ଆର୍ଟ କ୍ଷେତ୍ରରେ ସ୍ୱର୍ଣ୍ଣ ବିଜେତା କାଡ୍ରାକା ମାଲାନା, ପି.ସିବାୟା ଓ ପି.ସାଇ କୁମାର ସମ୍ମାନିତ କରାଯାଇଥିବାବେଳେ ରାୟଗଡ଼ା ମହାବିଦ୍ୟାଳୟର ପୂର୍ବତନ ଛାତ୍ର ସୁନୀଲ କୁମାର ବେହେରା ବିଏସ୍ଏଫ୍‌ରେ ସହକାରୀ କମାଣ୍ଡାଣ୍ଟଙ୍କୁ ମରଣୋତ୍ତର ସମ୍ମାନରେ ସମ୍ମାନିତ କରାଯାଇଛି। ଅନୁରାଧା ପାଣିଗ୍ରାହୀଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ, ରାଜ୍ୟ ଯୁବ ବାହିନୀ ଦ୍ୱାରା ସଚେତନତା ସାଂସ୍କୃତିକ କାର୍ଯ୍ୟକ୍ରମ ସହ ନାକିଟି ଯୁବ ବାହିନୀ, ମା' ମଝିଗୌରୀ ନୃତ୍ୟ ଦଳ, ବାରିଖୋଲା, ରାୟଗଡ଼ା ମହାବିଦ୍ୟାଳୟ ଛାତ୍ରୀଙ୍କ ଦ୍ୱାରା ସମ୍ବଲପୁରୀ ନୃତ୍ୟ ପରିବେଷଣ କରାଯାଇଥିଲା । ବ୍ଲକ୍ ପି.ଏ ଗୋପାଳ ପଣ୍ଡା, ଅଜିତ କୁମାର ହୋତା, ବିଜୁ ଯୁବ ବାହିନୀର ସର୍ବେଶ୍ୱର ପଣ୍ଡା, ଶିଶିର ମିଶ୍ର, ଜିଲା ଯୁବ ସଂଯୋଜକ ବିବେକ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।


 କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

## 'ମୁଁ ହିରୋ, ମୁଁ ଓଡ଼ିଶା' କାର୍ଯ୍ୟକ୍ରମ



ଯେତେବେଳେ ମଣିଷ ନୈରାଶ୍ୟର ଶେଷ ସୀମାରେ ପହଞ୍ଚିଯାଏ, ସେତେବେଳେ ତା'ଠାରେ ଅଦ୍ଭୁତ ଶକ୍ତିର ପ୍ରକାଶ ଘଟିଥାଏ।
-ଫ୍ରାଙ୍କଲିନ୍



ଜୟପୁର ସ୍ଥିତ ବାଙ୍କମଠରେ ଗଜଲକ୍ଷ୍ମୀ ପୂଜା।



ଦାମନଯୋଡ଼ିରେ ଗଜଲକ୍ଷ୍ମୀ ପୂଜା ପାଇଁ ହୋଇଥିବା ତୋରଣ।



ଦାମନଯୋଡ଼ିରେ କୁଆଁରୀମାନେ ଚନ୍ଦ୍ରଙ୍କୁ ଅର୍ଘ୍ୟ ଦେଇ ପୂଜା କରୁଛନ୍ତି।



ପଟ୍ଟାଙ୍ଗି ବ୍ଲକ ବଣିକ ସଂଘର ଗଜଲକ୍ଷ୍ମୀ ପୂଜା କଳସ ଯାତ୍ରା ପାଇଁ ପୂଜାର୍ଚ୍ଚନା।

## ସଂକ୍ଷେପରେ

### ଟିପ୍ପର ଓଲଟି ଚାଳକ ମୃତ



କୋଲାବନଗର, ୨୪।୧୦ (ଡି.ଏନ୍.ଏ.): କୋରାପୁଟ ସଦର ଥାନା ଅନ୍ତର୍ଗତ ୨୬ ନଂ ଜାତୀୟ ରାଜପଥର ଜୟପୁର ଘାଟି ପାର୍ଶ୍ୱସ୍ଥ ଶିବ ମନ୍ଦିର ନିକଟରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏକ ଟିପ୍ପର ଭାରସାମ୍ୟ ହରାଇ ଡାହାଣ ପାର୍ଶ୍ୱ ରାସ୍ତାକଡ଼କୁ ଓଲଟି ପଡ଼ିବା ଦ୍ୱାରା ଚାଳକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ କୋଲାବନଗର ସ୍ଥିତ ଭୂତନଗରର ଅଞ୍ଚଳର ଜଲା ମାଦଳା (୪୦)। ଦୁର୍ଘଟଣାଗ୍ରସ୍ତ ଟିପ୍ପରଟି ଜଲାଙ୍କର ବୋଲି ଜଣାପଡ଼ିଛି। ଜଲା ସକାଳ ୫ଟାରୁ ଟିପ୍ପର ନେଇ ଜୟପୁର ଅଭିମୁଖେ ଯାଉଥିଲେ। ଘରେ ତାଙ୍କର ପିଲା ଏବଂ ସ୍ତ୍ରୀ ଅଛନ୍ତି। ତାଙ୍କ ପରିବାରକୁ ସହାୟତା ରାଶି ଯୋଗାଇଦେବାକୁ ଦାବି ହୋଇଛି।

### ବ୍ଲକସ୍ତରୀୟ ପରବ ପାଇଁ ପ୍ରସ୍ତୁତି

ବୈପାରୀଗୁଡ଼ା,୨୪।୧୦(ଡି.ଏନ୍.ଏ.): ସ୍ଥାନୀୟ ବ୍ଲକ କାର୍ଯ୍ୟାଳୟ ଏସ୍.ଏଚ.ଜି. ପ୍ରକୋଷ୍ଠରେ ବୁଧବାର ବୈପାରୀଗୁଡ଼ା ବ୍ଲକସ୍ତରୀୟ ପରବ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଆଗାମୀ ୯ ଓ ୧୦ ତାରିଖ ପରବ ପାଳନ ପାଇଁ ଦିନ ଧାର୍ଯ୍ୟ କରାଯାଇଛି। ପରବକୁ ସୁରୁଖୁରୁରେ ଆୟୋଜନ କରିବା ଲାଗି ବିଭିନ୍ନ କମିଟି ଗଠନ ହୋଇଛି। ଗୋଷ୍ଠୀ ଉନ୍ନୟନ ଅଧିକାରୀ ବ୍ଲକସ୍ତରୀୟ ପରବ ପାଳନ କମିଟିର ଅଧକ୍ଷ ରହିବେ। ଚଳିତ ମାସ ୨୮ ତାରିଖ ପଟ୍ଟାଙ୍ଗି ବ୍ଲକ କୋଟିଆଠାରେ ପରବର ଉଦ୍‌ଘାଟନୀ ସମାରୋହରେ ଯୋଗଦେବା ସଂପର୍କରେ ମଧ ଆଲୋଚନା ହୋଇଥିଲା । ଉକ୍ତ ବୈଠକରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁବାସ ସିଂ ଅଧକ୍ଷତା କରିଥିବା ବେଳେ ବ୍ଲକ ଅଧକ୍ଷା ସରୋଜିନୀ କାଣ୍ଡିକି, ଉପାଧକ୍ଷ ତ୍ରିଲୋଚନ ଜେନାଙ୍କ ସମେତ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ, ବିଭିନ୍ନ ଆଦିବାସୀ ସମାଜର ମୁଖିଆ ଓ ବିଭାଗୀୟ ଅଧିକାରୀ ଯୋଗ ଦେଇଥିଲେ।

# ଗୁଜୁରାଣ ଛଡ଼ାଇନେଇଛି ଗୋଡ଼

ଜିତେନ୍ଦ୍ର କୁମାର ଜେନା
କୋଲାବନଗର,୨୪।୧୦

■ସହାୟତା ବଦଳରେ ସ୍ୱାବଲମ୍ବୀ ହେବାକୁ ଚାହୁଁଛନ୍ତି ପ୍ରକାଶ

■ୱେଲ୍ଡିଂ ପେସାକୁ ସହଯୋଗ, ଟ୍ରାଇସାଇକେଲ ପାଇଁ ନିବେଦନ



ସରକାର ଭିନ୍ନକ୍ଷମଙ୍କୁ ନାନା ପ୍ରକାର ସହାୟତା ଦେଇ ଅନୁକମ୍ପା ଦେଖାଇ ଚାଲିଛନ୍ତି। କିନ୍ତୁ ଭାଗ୍ୟଚକ୍ରରେ ନିଜ ଗୋଡ଼ ହରାଇ ଭିନ୍ନକ୍ଷମ ସାଜିଥିବା ପ୍ରକାଶ ସରକାରଙ୍କ ସହାୟତା ରାଶି ବଦଳରେ ନିଜେ ରୋଜଗାର କରିବା ଲାଗି ପ୍ରଶାସନକୁ ସାମାନ୍ୟ କିଛି ଭିତ୍ତିଭୂମି ଯୋଗାଇବା ଲାଗି ନିବେଦନ କରିଛନ୍ତି। ଗୋଡ଼ ଯିବା ପରେ ତା' ସହ ତାଙ୍କର ଗୁଜୁରାଣ ଯାଇଛି। ସ୍ୱାସ୍ଥ୍ୟ ବି ଭାଙ୍ଗିପଡ଼ିଛି। କିନ୍ତୁ ତଥାପି ସଳଖି ଛିଡ଼ା ହେବାର ସାହସ ରଖିଛନ୍ତି ପ୍ରକାଶ। ଏଥିପାଇଁ ସରକାର ହାତ ବଢ଼ାଇବାକୁ ସେ ଆଶା ବାନ୍ଧିଛନ୍ତି।

କୋରାପୁଟ ସଦର ବ୍ଲକ ବଡ଼କେରେଙ୍ଗା ପଞ୍ଚାୟତ ଥାନା କଲୋନିରେ ରହନ୍ତି ପ୍ରକାଶ ଚନ୍ଦ୍ର ମହାରଣା (୪୫)। ୧୦ ବର୍ଷ ତଳେ ପ୍ରକାଶଙ୍କ ଗୋଡ଼ରେ ଏକ ଘା ବାହାରିଥିଲା। ତାହା ନ ଶୁଖିବାରୁ ଡାକ୍ତରଙ୍କ ପରାମର୍ଶ କ୍ରମେ ସେ ଗୋଟିଏ ଇଞ୍ଜେକ୍ସନ ନେଇଥିଲେ। ୪ ଦିନ ପରେ ଘା' ସେପ୍ଟିକ ହୋଇଯିବାରୁ ସେ କୋରାପୁଟ ଡାକ୍ତରଖାନା ଯାଇଥିଲେ। ସେଠାରୁ ବ୍ରହ୍ମପୁର ଓ ଶେଷରେ କଟକ ବଡ଼ ଡାକ୍ତରଖାନାରେ ପହଞ୍ଚିବା ପରେ ସେଠାରେ ତାଙ୍କର ଆଣ୍ଠୁ ତଳୁ କାଟି ଦିଆଗଲା। ସେ ବର୍ତ୍ତମାନ ଆଶାବାଡ଼ି ଧରି ଚାଲୁଛନ୍ତି। ପେସାରେ ଜଣେ ଭଲ ୱେଲ୍ଡର। ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ଭାବେ ୱେଲ୍ଡିଂ କାମକରି ଗୁଜୁରାଣ ମେଣ୍ଟାଇ ଆସୁଥିଲେ। ଏବେ ସେ କାମ କରିପାରୁ ନାହାନ୍ତି। ଗତ ଏକ ବର୍ଷ ହେଲା ବହୁ କଷ୍ଟରେ ପରିବାର ଚାଲିଛି। ନିଜର ବୋଲି ମୁଣ୍ଡ ଗୁଞ୍ଜିବାକୁ କୁଡ଼ିଆ ଖଣ୍ଡେ ବି ନାହିଁ। ବର୍ତ୍ତମାନ ସେ ଭାରତୀୟ ରିଜର୍ଭ ବାଟାଲିୟନର ଏକ ପରିତ୍ୟକ୍ତ ଭଙ୍ଗାଘରେ ଦୁଇ ଜଣ କଲେଜ ପଢୁଆ ଝିଅ ଓ ସ୍ତ୍ରୀଙ୍କ ସହିତ ବହୁକଷ୍ଟରେ ଦିନ କାଟୁଥିବା ଲୁହ ଛଳଛଳ ହୋଇ କହିଛନ୍ତି। ସେ କହିଛନ୍ତି, 'ସ୍ୱାସ୍ଥ୍ୟ ପାଇଁ ଚିକିତ୍ସା ଅତ୍ୟନ୍ତ ଜରୁରୀ ଥିବାବେଳେ ଖାଦ୍ୟ କି ପଥି ମିଳୁ ନଥିବାରୁ ମୁଁ ଦୁର୍ବଳ ହେବାକୁ ଲାଗିଲିଣି। ମୋର ଭଙ୍ଗାଘରକୁ ଟିକିଏ ବିଜୁଳି ଦେଲେ ମୁଁ ଗୋଟିଏ ଗୋଡ଼ରେ ଛୋଟମୋଟ ୱେଲ୍ଡିଂ କରି ପରିବାର ଚଳାଇପାରନ୍ତି। ସରକାର ତିନିଚକିଆ ସାଇକେଲ ଗୋଟିଏ ଦିଅନ୍ତୁ।'

■କୁମାର ପୂର୍ଣ୍ଣିମାରେ ବାଟମଙ୍ଗଳାଙ୍କ ଗଜବେଶ

## ୧୦,୧୦୮ ଦୀପ ଦାନକଲେ ଭକ୍ତ

କୋରାପୁଟ,୨୪।୧୦(ସ୍ୱ.ପ୍ର.)

ଗୋଟିଏ ଦିନରେ ୧୦ ହଜାର ୧୦୮ ଦୀପଦାନ ହୋଇଛି। ସ୍ଥାନୀୟ ମା' ବାଟମଙ୍ଗଳା ମନ୍ଦିରରେ ବୁଧବାର ସନ୍ଧ୍ୟାରେ ଏଥିପାଇଁ ଭକ୍ତମାନଙ୍କ ପ୍ରବଳ ଭିଡ଼ ହୋଇଛି। କୁମାର ପୂର୍ଣ୍ଣିମା ଅବସରରେ ମା'ଙ୍କୁ ଗଜ ବେଶରେ ସଜ୍ଜିତ କରାଯାଇଛି । ମନ୍ଦିରର ପୂଜକ ନୀଳାମ୍ବର ମହାପାତ୍ରଙ୍କ କହିବା ଅନୁଯାୟୀ ପୂର୍ଣ୍ଣିମୀ ସହ ମା' ଗଜଲକ୍ଷ୍ମୀଙ୍କ ପୂଜା ପଡ଼ିଥିବାରୁ ଭକ୍ତଙ୍କ ମନବାଞ୍ଛା ପୂରଣ ପାଇଁ ମହାକାଳୀ, ମହାସ୍ୱରସ୍ୱତୀ, ମହାଲକ୍ଷ୍ମୀଙ୍କ ଉଦ୍ଦେଶ୍ୟରେ ଗୋଟିଏ ଦିନରେ ଉପରୋକ୍ତ ଦୀପଦାନ ମାଧ୍ୟମରେ ବିଶ୍ୱ ଶାନ୍ତି କାମନା କରାଯାଇଛି। ହଜାର ହଜାର ଭକ୍ତ ମା'ଙ୍କ ଷୋଡ଼ଶ ଉପଚାର ସହ ଦୀପଦାନରେ ଅଂଶଗ୍ରହଣ କରିଛନ୍ତି।

# ୬ ମଣ୍ଡପରେ ପୂଜା ପାଇଲେ ଗଜଲକ୍ଷ୍ମୀ

**ଆଜିଠୁ କାର୍ତ୍ତିକ ମାସ ଆରମ୍ଭ, ବ୍ରତ ପାଳିବେ ହବିଷିଆଳି**

କୋରାପୁଟ,୨୪।୧୦(ସ୍ୱ.ପ୍ର.)

କୋରାପୁଟରେ ଗଜଲକ୍ଷ୍ମୀ ପୂଜା ଯୋଗୁଁ ସହର ଉତ୍ସବମୁଖର ହୋଇଛି । ଚଳିତ ବର୍ଷ ସହରର କଳାନିକେତନ ଛକଠାରେ ଡି ଗ୍ରୁପ୍ ପକ୍ଷରୁ ଗଜଲକ୍ଷ୍ମୀ ପୂଜା ଅନୁଷ୍ଠିତ ହୋଇଥିବାବେଳେ ବଜାର ସଂଘ ପକ୍ଷରୁ ଶାବର ଶ୍ରୀକ୍ଷେତ୍ର ମନ୍ଦିର ଛକ, ପୂଜାରିପୁଟର ଭାଣ୍ଡିସାହି, ବିଶ୍ୱାମିତ୍ରନଗର, ଟିକିରା ସାହି, ପୋଲିସ କଲୋନୀ ଭଳି ୬ଟି ସ୍ଥାନରେ ଗଜଲକ୍ଷ୍ମୀ ପୂଜା କରାଯାଉଛି। ପୂଜାକୁ ଅଧିକ ଆକର୍ଷଣୀୟ କରିବା ପାଇଁ ବିଭିନ୍ନ ପୂଜା କମିଟି ପକ୍ଷରୁ ମଣ୍ଡପ ସାଜସଜ୍ଜା କରାଯିବା ସହ ବିଭିନ୍ନ ରଙ୍ଗବେରଙ୍ଗର ଆଲୋକମାଳା ଲଗାଯାଇଛି । ବୁଧବାର କୁମାର ପୂର୍ଣ୍ଣିମା ଅବସରରେ ପ୍ରତ୍ୟେକ ଘରେ କୁମାରୀମାନେ ଚଉରା ନିକଟରେ ଜହ୍ନ ଦେଖି ପୂଜାର୍ଚ୍ଚନା କରିଛନ୍ତି। ଏହି ପୂଜା ଅବସରରେ ଖୁସି ମନାଇବା ପାଇଁ ଦକ୍ଷିଣ ଓଡ଼ିଶାରେ ତାସଖେଳ ପରମ୍ପରା ରହିଛି। ଶାବର ଶ୍ରୀକ୍ଷେତ୍ରରେ ମା' ଲକ୍ଷ୍ମୀଙ୍କ ମନ୍ଦିରରେ ପୂଜାର୍ଚ୍ଚନା ପାଇଁ ଭକ୍ତଙ୍କ ପ୍ରବଳ ଭିଡ଼ ହୋଇଥିଲା। ଗୁରୁବାରଠାରୁ କାର୍ତ୍ତିକ ମାସ ଆରମ୍ଭ ହେଉଥିବା ବେଳେ କୋରାପୁଟ ଶାବରଶ୍ରୀକ୍ଷେତ୍ର ପରିଚାଳନା କମିଟି ପକ୍ଷରୁ ହବିଷ୍ୟାଳିଙ୍କ ପାଇଁ ସମସ୍ତ ସୁବିଧା କରାଯାଇଥିବା ମନ୍ଦିର ପରିଚାଳନା କମିଟିର ଲଳିତ ମୋହନ ପଟ୍ଟନାୟକ କହିଛନ୍ତି।

# କୁମାର ପୂର୍ଣ୍ଣିମାରେ ସାହିତ୍ୟ ଆସର




ସାହିତ୍ୟ ଆସରରେ ମଞ୍ଚାସୀନ ଅତିଥିମାନେ।

ଜୟପୁର,୨୪।୧୦(ନି.ପ୍ର./ଡି.ଏନ୍.ଏ.)

କୁମାର ପୂର୍ଣ୍ଣିମା ଅବସରରେ ସ୍ଥାନୀୟ ନାରାୟଣୀ ମହାବିଦ୍ୟାଳୟ ପରିସରରେ ବୁଧବାର ବସୁମତି ସାହିତ୍ୟ ସଂସଦ ଆନୁକୂଲ୍ୟରେ ଏକ ଆଲୋଚନାଚକ୍ର ଓ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଛି। ସଂସଦର ସଭାପତି ବିଷ୍ଣୁପ୍ରସାଦ ପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ ବୁଲୁ ହୋତା, ଆଲୋଚକ ଭାବେ ସାହିତ୍ୟିକ ଲକ୍ଷ୍ମୀକାନ୍ତ ପାଢ଼ୀ ଓ ଗବେଷକ ପ୍ରକାଶ କୁମାର ସେନାପତି, ସମ୍ମାନିତ ଅତିଥି ଭାବେ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁରେନ୍ଦ୍ର ପଟ୍ଟନାୟକ ଉପସ୍ଥିତ ଥିଲେ। ସ୍ୱତନ୍ତ୍ର ବକ୍ତା ଭାବେ କବି ମନମୋହନ ଆଚାର୍ଯ୍ୟ ଓ ସୁରେଶ ଦାସ, ଭାସ୍କର ସାମନ୍ତରାୟ ବକ୍ତବ୍ୟ ରଖିଥିଲେ। ସମ୍ପାଦକ ଚନ୍ଦ୍ରମଣି ବାରିକ ବିବରଣୀ ପାଠ କରିବା ସହ ଆଜିର କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ପ୍ରାରମ୍ଭରେ ଯଜ୍ଞେଶ୍ୱର ପଣ୍ଡା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ଆଲୋଚନାଚକ୍ରରେ 'ସାମ୍ପ୍ରତିକ ପରିସ୍ଥିତିରେ ସାହିତ୍ୟର ମୂଲ୍ୟବୋଧ ଓ ଅବକ୍ଷୟ' ସମ୍ପର୍କରେ ଆଲୋକପାତ କରାଯାଇଥିଲା । କାର୍ଯ୍ୟକ୍ରମର ଦ୍ୱିତୀୟ ସୋପାନରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ମଦନ ମୋହନ ନାୟକଙ୍କ ସଂଯୋଜନାରେ କବିମାନେ ସ୍ୱରଚିତ କବିତା ପାଠ କରିଥିଲେ।

# ମହିଳାଙ୍କୁ ବଳାତ୍କାର ପରେ ହତ୍ୟା

କୋରାପୁଟ/ନାରାୟଣପାଟଣା, ୨୪।୧୦(ସ୍ୱ.ପ୍ର./ଡି.ଏନ୍.ଏ.)

■ଧରାପଡ଼ିଲେ ୩ ଅଭିଯୁକ୍ତ ■ଅଭିଯୁକ୍ତଙ୍କ ମଧରେ ଜଣେ ନାବାଳକ



ସିମନ ତାଡ଼ିଙ୍ଗି



କୁଶ ତାଡ଼ିଙ୍ଗି

ନାରାୟଣପାଟଣା ଥାନା ଅଞ୍ଚଳରେ ଜଣେ ମହିଳାଙ୍କୁ ବଳାତ୍କାର ପରେ ହତ୍ୟା କରାଯାଇଥିବା ଅଭିଯୋଗରେ ବୁଧବାର ସ୍ଥାନୀୟ ପୋଲିସ ୩ ଜଣଙ୍କୁ ଗିରଫ କରିଛି। ସେମାନଙ୍କ ମଧ୍ୟରେ ଜଣେ ନାବଳକ ଥିବାରୁ ଅନ୍ୟ ୨ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି। ସୂଚନା ଅନୁଯାୟୀ, ନାରାୟଣପାଟଣା ସଦର ପଞ୍ଚାୟତର ଢେପଗୁଡ଼ା ଗ୍ରାମର ଜଣେ ୫୦ ବର୍ଷୀୟ ମହିଳା ନିଖୋଜ ଥିଲେ। ଗତ ୧୩ ତାରିଖରେ ଏନେଇ ପରିବାର ଲୋକେ ନାରାୟଣପାଟଣା ଥାନାରେ ଏତଲା ଦେଇଥିଲେ। ପୋଲିସ କେସ୍ ନଂ ୮୫/୨୦୧୮ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଗତ ୨୦ ତାରିଖରେ ସ୍ଥାନୀୟ ଥାନା ଅଧୀନ ବୋରିପୁଟ ଗ୍ରାମ ନିକଟସ୍ଥ ପାହାଡ଼ ଝୋଲାରେ ତାଙ୍କ ମୃତଦେହ ପଡ଼ିଥିବା ଖବର ମିଳିଥିଲା। ନାରାୟଣପାଟଣା ପୋଲିସ ଘଟଣାସ୍ଥଳକୁ ଯାଇ ମୃତଦେହ ଜବତ କରିଥିଲା। ପାରିପାର୍ଶ୍ୱିକ ସ୍ଥିତିରୁ ଏହା ଏକ ହତ୍ୟାକାଣ୍ଡ ବୋଲି ଅନୁମାନ କରି ଅଧିକ ତଦନ୍ତ ଜାରି ରଖିଥିଲା ପୋଲିସ। ବୁଧବାର ଏହି ଘଟଣାରେ ଜଡ଼ିତ ଥିବା ପାଲାପୁଟ ଗ୍ରାମର କୁଶ ତାଡ଼ିଙ୍ଗି (୨୫), ବାଲା ଗ୍ରାମର ସିମନ ତାଡ଼ିଙ୍ଗି (୨୨)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ନାବାଳକ ଅଭିଯୁକ୍ତ ଜଣଙ୍କୁ ଗିରଫ କରାଯିବା ପରେ ଜୁଭେନାଇଲ କୋର୍ଟକୁ ପଠାଇ ଦିଆଯାଇଥିବା ତଦନ୍ତକାରୀ ଅଧିକାରୀ ଏସ୍.କେ. ସ୍ୱାଇଁ କହିଛନ୍ତି। ଆଇପିସି ଧାରା ୩୭୬ ଡି, ୩୦୨, ୨୦୧, ୩୪ରେ ଉପରୋକ୍ତ ୩ ଜଣଙ୍କୁ ଗିରଫ କରାଯାଇଥିବା ନାରାୟଣପାଟଣା ଥାନା ଏସ୍‌ଆଇ ପଞ୍ଚାନନ ମହାନ୍ତି ସୂଚନା ଦେଇଛନ୍ତି।



ଜୟପୁର ରଥପଡ଼ିଆ କୁମାରୋତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଛି।

# ରଥପଡ଼ିଆରେ କୁମାର ଉତ୍ସବ

ଜୟପୁର,୨୪।୧୦(ଡି.ଏନ୍.ଏ./ନି.ପ୍ର.)

ଜୟପୁର ସହର କୁମାର ଉତ୍ସବ କମିଟି ପକ୍ଷରୁ ବୁଧବାର ସନ୍ଧ୍ୟାରେ ସ୍ଥାନୀୟ ରଥପଡ଼ିଆରେ କୁମାର ଉତ୍ସବ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବିଧାୟକ ତାରାପ୍ରସାଦ ବାହିନୀପତି ଯୋଗଦେଇ ସଂସ୍କୃତି ରକ୍ଷା କରିବା ଦିଗରେ କମିଟିର ଏହିପରି ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନକୁ ପ୍ରଶଂସା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟବକ୍ତା ଭାବେ ଡ. ସୁରେଶ ଦାଶ, ସମ୍ମାନିତ ଅତିଥି ନିହାର ବିଶୋୟୀ ଏବଂ ଦେବେନ୍ଦ୍ର ବାହିନୀପତି ଯୋଗ ଦେଇଥିଲେ । ଏହି ଅବସରରେ ବିଭିନ୍ନ କଳାକାରଙ୍କୁ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା । ସ୍ଥାନୀୟ ଜୟପୁର କଳାକେନ୍ଦ୍ର ଏବଂ ଅନ୍ୟ ନୃତ୍ୟ ପ୍ରଶିକ୍ଷଣ କେନ୍ଦ୍ରର ଛାତ୍ରୀଛାତ୍ର ନୃତ୍ୟ ପରିବେଷଣ କରିବା ସହ ନାଟକ ପ୍ରଦର୍ଶିତ ହୋଇଥିଲା। କରିଥିଲେ । ଆକାଶବାଣୀ କଳାକାର ଗୋପାଳକୃଷ୍ଣ ସାମନ୍ତରାୟ ମଞ୍ଚ ପରିଚାଳନା କରିଥିଲେ।



ମଞ୍ଚରେ ଜୟପୁର ବିଧାୟକଙ୍କ ସହ ଅନ୍ୟ ଅତିଥି।

# ଶିରି ହରାଇଲାଣି ୨ ଶତାବ୍ଦୀର ସାଗର

ପବନ ପାଣିଗ୍ରାହୀ
ଜୟପୁର,୨୪।୧୦

■ପୁନରୁଦ୍ଧାର ହେବ ଗୋବର୍ଦ୍ଧନ ମୁଣ୍ଡା, ଖଜୁରି ବନ୍ଧ, ନୀଳକଣ୍ଠ ସାଗର

■ବିକାଶ ପାଇଁ ଡିପିଆର ପ୍ରସ୍ତୁତ ସରିଛି: ପୌର କାର୍ଯ୍ୟନିର୍ବାହୀ



ପ୍ରାକୃତିକ ବିଭବରେ ଭରପୁର ଜୟପୁର ଓଡ଼ିଶାର ସବୁଜିମା ସହର ଭାବେ ପରିଚିତ। ଏହି ସହରର ଜଳବାୟୁକୁ ନିୟନ୍ତ୍ରଣ କରିଥାନ୍ତି ଜଗନ୍ନାଥ ସାଗର ଓ ନୀଳକଣ୍ଠ ସାଗର। ସଂସ୍କୃତିର ବାର୍ତ୍ତାବହ ସାଜିଥିବା ଏହି ସାଗର କିନ୍ତୁ ଏବେ ଅବହେଳିତ ଓ ଜରାଜୀର୍ଣ୍ଣ। କାର୍ତ୍ତିକ ମାସ ଆରମ୍ଭ ହେବାକୁ ଥିବାବେଳେ ହବିଷ୍ୟାଳିମାନେ ଏଠାରେ ସ୍ନାନକରି କିପରି ବ୍ରତ ପାଳିବେ, ତାହା ଚିନ୍ତା କରୁଛନ୍ତି। ଏହି ସାଗର ଉପରେ ଗୌଡ଼ସାହି ସହ ୧୦ରୁ ଅଧିକ ସାହି ବାସିନ୍ଦା ନିର୍ଭର କରନ୍ତି । ନିକଟରେ ଅନ୍ୟ କିଛି ସାଗର ନ ଥିବାବେଳେ ଜଗନ୍ନାଥ ସାଗର ଏଠାରୁ ପ୍ରାୟ ୨ କିମି ଦୂରରେ ରହିଛି। ମହିଳାମାନେ ବଡିଭୋର୍‌ରୁ ଏତେଦୂର ଯାଇ ସ୍ନାନ କରିବା ନେଇ ଆଶଙ୍କା ପ୍ରକାଶ କରିଛନ୍ତି।

ବର୍ତ୍ତମାନ ଏହି ସାଗରର ଜଳ ଏଭଳି ଅସ୍ୱାସ୍ଥ୍ୟକର ହୋଇପଡ଼ିଛି ଯେ ଜଳପାନ ତ ଦୂର କଥା, ଲୋକେ ସ୍ନାନ କରିବାକୁ ଘୃଣା କରୁଛନ୍ତି । ପଙ୍କରେ ଭରା ଏହି ସାଗର ଜଳ ସ୍ନାନ କଲେ ବିଭିନ୍ନ ଚର୍ମ ରୋଗକୁ ନିମନ୍ତ୍ରଣ କରିବା ଛଡ଼ା ଅନ୍ୟ କିଛି ନୁହେଁ ବୋଲି ସ୍ଥାନୀୟ ବାସିନ୍ଦା କହିଛନ୍ତି। ୨୦୦୫ରେ ୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ସାଗରର ପଙ୍କ ଉଦ୍ଧାର ସହ ପୁନରୁଦ୍ଧାର କାର୍ଯ୍ୟ ହୋଇଥିଲା। କିନ୍ତୁ ଏବେ ରାସ୍ତାର ଅଳିଆ ଆବର୍ଜନା ପାଣି ସାଗର ମଧକୁ ପଶିବା ସହ ସାଗରର ପାର୍ଶ୍ୱରେ ଶୌଚାଳୟ ଥିବା ଯୋଗୁ ତାହାର ଦୂଷିତ ପାଣି ଆସି ସାଗରରେ ମିଶୁଛି। ଏକଦା ସାଗରର ସ୍ୱଚ୍ଛ ଓ ନୀଳ ଜଳରାଶି ଏବେ ପଙ୍କରେ ଭର୍ତ୍ତି ହୋଇ କଳା ଓ କର୍ଦ୍ଦମାକ୍ତ ପାଲଟିଛି। ସ୍ଥାନୀୟ ଲୋକେ ବାରମ୍ବାର ପୌର ପରିଷଦର ଦୃଷ୍ଟି ଆକର୍ଷଣ କଲେ ବି ପ୍ରଶାସନ ଅଣଦେଖା କରୁଛି। ଏ ସମ୍ପର୍କରେ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ସଞ୍ଜୟ ଆଚାର୍ଯ୍ୟଙ୍କୁ ପଚାରିବାରୁ ସେ କହିଛନ୍ତି, ସହରର ଗୋବର୍ଦ୍ଧନ ମୁଣ୍ଡା, ଖଜୁରି ବନ୍ଧ ଓ ନୀଳକଣ୍ଠ ସାଗରର ପୁନରୁଦ୍ଧାର ପାଇଁ ଡିପିଆର ପ୍ରସ୍ତୁତ ହୋଇସାରିଛି । ତୁରନ୍ତ ଏହି ୩ଟି ଜଳାଶୟର ବିକାଶ କରାଯିବ।

### ସାଗର ଖୋଳାଇଥିଲେ ରାଜା ଦ୍ୱିତୀୟ ରାମଚନ୍ଦ୍ର ଦେବ

ଜୟପୁର ରାଜବଂଶର ରାଜା ଦ୍ୱିତୀୟ ରାମଚନ୍ଦ୍ର ଦେବଙ୍କ ରାଜତ୍ୱ କାଳରେ ୧୮୧୬ରେ ୨୩ ଏକର ପରିମିତ ଜମିରେ ଖୋଳାଯାଇଥିଲା ନୀଳକଣ୍ଠ ସାଗର। ସେହି ସମୟରେ ଜୟପୁର ସହରକୁ ଯିବାଆସିବା ପାଇଁ ଏକ ମାତ୍ର ମୁଖ୍ୟ ମାର୍ଗ ଥିଲା କୋରାପୁଟ ଜୟପୁର ଘାଟିପଥ। ଏହି ପଥ ଦେଇ ଆନ୍ଧ୍ର ସହ ସଡ଼କ ଯୋଗାଯୋଗ ସ୍ଥାପିତ ହୋଇଥିଲା। ଯାତ୍ରୀମାନେ ଶଗଡ଼ରେ ଆସି ଜୟପୁରରେ ପହଞ୍ଚିବା ପରେ ଏହି ସାଗରରେ ତୃଷ୍ଣା ମେଣ୍ଟାଇବା, ସ୍ନାନାଦି ନିତ୍ୟକର୍ମ ସାରୁଥିଲେ। ସାଗର ଜଳ କୃଷି କାର୍ଯ୍ୟ ସହ ମାଛଚାଷ ପାଇଁ ଲାଗୁଥିଲା। ସାଗରର ପଦ୍ମଫୁଲ ଜଗଜ୍ଜନନୀ ମନ୍ଦିରକୁ ପଠାଯାଉଥିଲା।

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. ORIORI/2011/36305 Postal Regd. No. BN/42/18-20. ରାୟଗଡ଼ା, ଗୁରୁବାର, ଅକ୍ଟୋବର ୨୫/୨୦୧୮ Rayagada, Thursday, October 25/ 2018


ଡେନ୍ତୁଳିଖୁଣ୍ଟି ଦିଗି ପୂଜାମଣ୍ଡପ ।


ଡାବୁଗାଁ ଲେଲିସାହି ପୂଜାମଣ୍ଡପରେ ।


ତେନ୍ତୁଳିଖୁଣ୍ଟି ବ୍ଲକ ଖାତିଗୁଡା ପୂଜାମଣ୍ଡପ ।


ଝରିଗାଁ ସଦର ମହକୁମା ପୂଜାମଣ୍ଡପ ।


ଡାବୁଗାଁ ବ୍ଲକ ସରାଗୁଡା ଗାଁ ପୂଜା ମଣ୍ଡପ ।


ତେନ୍ତୁଳିଖୁଣ୍ଟି ଫଟାଗୁଡା ପୂଜାମଣ୍ଡପ ।

# ବିଭିନ୍ନ ସ୍ଥାନରେ ମା' ଗଜଲକ୍ଷ୍ମୀ ପୂଜା

**ଡାବୁଗାଁ/ତେନ୍ତୁଳିଖୁଣ୍ଟି/ଝରିଗାଁ, ୨୪।୧୦ (ଡି.ଏନ.ଏ./ସ୍ୱ.ପ୍ର)**

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସଦରମହକୁମା ସ୍ଥିତ ରେଲି ସାହି ଠାରେ ବୁଧବାର ମା' ଗଜଲକ୍ଷ୍ମୀ ପୂଜା ଆରମ୍ଭ ହୋଇଛି । ମଙ୍ଗଳବାର ସନ୍ଧ୍ୟାରେ ମା' ଠାକୁରାଣୀ ମନ୍ଦିର ପୋଖରୀରୁ ପାଣି ଅଣାଯାଇଥିଲା। ବୁଧବାର ସକାଳୁ ମା'ଙ୍କ ବିଭିନ୍ନ ରୀତିନୀତି ଅନୁଯାଇ ପୂଜା ଆରମ୍ଭ ହୋଇଯାଇଛି । ଏଥିରେ ରଞ୍ଜିତ କୁମାର ଘରାଇ, ଭଗବାନ ଖୁଣ୍ଟିଆ ଓ ରୋହିତ ରାଓ ପ୍ରମୁଖ କର୍ତ୍ତା ଭାବେ ଦାୟିତ୍ୱରେ ରହିଥିବା ବେଳେ ମୁଖ୍ୟ ପୂଜକ ଭାବେ ଚୈତନ୍ୟ ଦାଶଙ୍କ ସହ ମହେଶ ଚନ୍ଦ୍ର ପଣ୍ଡା, ଗୋବିନ୍ଦ ଚନ୍ଦ୍ର ପଣ୍ଡା ଓ ସୁବାସ ଚନ୍ଦ୍ର ପାଣିଗ୍ରାହୀ ପ୍ରମୁଖ ସହଯୋଗ କରିଥିଲେ । ଏଥିରେ ମା' ଗଜଲକ୍ଷ୍ମୀ ପୂଜା କମିଟିର ପାପନା ରେଲି, ଲବ ରେଲି, କେଶବ ରେଲି, ଜଗନ୍ନାଥ ରେଲି, ସୁରେନ୍ଦ୍ର ରେଲି, ସୋଭା ରେଲି, ଗୋପୀ ରେଲି, ରାଜୁ ରେଲି, ଜିତୁ ରେଲି ପ୍ରମୁଖ ପରିଚାଳନା କରୁଛନ୍ତି । ୩୧ତାରିଖରେ ମା'ଙ୍କ ଭସାଣୀ ଅନୁଷ୍ଠିତ ହେବ । ସେହିପରି ଡାବୁଗାଁ ବ୍ଲକ ଅଧୀନ ଏକ ଆଦିବାସୀ ଗ୍ରାମ ସରାଗୁଡା ଠାରେ ବୁଧବାର ମା' ଗଜଲକ୍ଷ୍ମୀ ପୂଜା ଆରମ୍ଭ ହୋଇଛି । ଗ୍ରାମ ପୋଖରୀରୁ ଏକ ଶୋଭାଯାତ୍ରାରେ କଳସରେ ପାଣି ଅଣାଯାଇଥିଲା । ସନ୍ଧ୍ୟାରେ ମାଙ୍କ ବିଭିନ୍ନ ରୀତିନୀତି ଅନୁଯାଇ ପୂଜା ଆରମ୍ଭ ହୋଇଯାଇଛି। ଏଥିରେ ପୂଜା କମିଟିର ସଭ୍ୟ ଜଗଦୀଶ ମାଝୀ, କପୁର ଚନ୍ଦ୍ର ମାଝୀ, ପୁରନ ମାଝୀ, ରାଜାରାମ ପୂଜାରୀ, ସୁକଦେବ ମାଝୀ, ଦୁର୍ଯ୍ୟୋଧନ ମାଝୀ, ବଳରାମ ପନକା, କୈଳାସ ପନକା, ଦେବଦାସ ଭତ୍ରା, କୈଳାସ ମାଝୀ, ମନବୋଧ ମାଝୀ, ବାସୁ ମାଝୀ, ଧନପଦ ପନକା, ଦାସ ମାଝୀ, ନରସିଂ ମାଝୀ ଓ ଗ୍ରାମବାସୀ ସହଯୋଗ କରିଥିଲେ। ସେହିପରି ତେନ୍ତୁଳିଖୁଣ୍ଟି ବ୍ଲକର ମଞ୍ଜାଗାଁ, ଓଲମା, ଦିଗି, ଖାତିଗୁଡା, ଫଟାଗୁଡାରେ ଗଜଲକ୍ଷ୍ମୀ ପୂଜା ଅନୁଷ୍ଠିତ ହୋଇଯାଇଛି। ଖାତିଗୁଡା ଷ୍ଟେଟ ବ୍ୟାଙ୍କ ନିକଟର ପୂଜା ମଣ୍ଡପରେ ପ୍ଲାଷ୍ଟିକ ବ୍ୟବହାର ବନ୍ଦ କରିବା ନିମନ୍ତେ ବାର୍ତ୍ତା ସମ୍ବଳିତ ପ୍ରକଳ୍ପ ପ୍ରଦର୍ଶନ କରାଯାଇଛି। ସେହିପରି ଝରିଗାଁ ବ୍ଲକ ସଦର ମହକୁମା ଠାରେ ବୁଧବାର ଗଜଲକ୍ଷ୍ମୀ ପୂଜା ଅନୁଷ୍ଠିତ ହୋଇଅଛି । ସାତ ଦିନ ଧରି ପୂଜା ଅର୍ଚ୍ଚନା ସହ ପ୍ରତେକ ଦିନ ଆନନ୍ଦ ବଜାରର ଆୟୋଜନ କରାଯିବା ନେଇ ପୂଜା କମିଟି ତରଫରୁ ସୂଚନା ମିଳିଛି।


ନବରଙ୍ଗପୁର ସହର ମାଳିସାହିଠାରେ ମହିଳାମାନେ କୁମାର ପୂର୍ଣ୍ଣିମା ପୂଜା କରୁଛନ୍ତି ।

# ଯାନବାହନ ଯାଞ୍ଚ

**ଡାବୁଗାଁ, ୨୪।୧୦(ଡି.ଏନ.ଏ.)**

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସଦରମହକୁମାସ୍ଥିତ ଡାବୁଗାଁ ଥାନା ସମ୍ମୁଖରେ ଜିଲା ଆଞ୍ଚଳିକ ପରିବହନ ବିଭାଗ ଓ ପୋଲିସ ପକ୍ଷରୁ ବୁଧବାର ମିଳିତ ଯାନବାହାନ ଯାଞ୍ଚ କରାଯାଇଛି। ଏଥିରେ ମୋଟରସାଇକେଲ, ଅଟୋ ,ଚାରିଚକିଆ ଯାନ ଗୁଡିକ ଯାଞ୍ଚ କରାଯାଇଥିଲା । ହେଲମେଟ, ଡ୍ରାଇଭିଙ୍ଗ ଲାଇସେନ୍ସ, ଇନସୁରାନ୍ସ ଓ ବିଭିନ୍ନ କାଗଜପତ୍ର ଯାଞ୍ଚ କରାଯାଇଥିଲା। ଏଥିରେ ପ୍ରାୟ ୧୦୦ ରୁ ଉର୍ଦ୍ଧ୍ୱ ଗାଡିକୁ ଯାଞ୍ଚ କରାଯାଇଥିଲା। ଏଥିରେ ପ୍ରାୟ ୩୮ଟି ଗାଡିର କାଗଜପତ୍ରରେ ତ୍ରୁଟି ଓ ହେଲମେଟ ନଥିବାରୁ ଗାଡିକୁ ଜବତ କରାଯାଇଥିଲା । ମୋଟ ୧୦ ହଜାର ୭୦୦ ଟଙ୍କା ଜୋରିମାନା ଆଦାୟ କରାଯାଇଥିଲା । ୨ ଜଣ ଗାଡି ଚାଳକ ଗାଡି ଚଳାଇବା ବେଳେ ମୋବାଇଲରେ କଥା ହେଉଥିବା କାରଣରୁ ଏହି ୨ ଚାଳକଙ୍କ ଡ୍ରାଇଭିଂ ଲାଇସେନ୍ସ ଜବତ କରାଯାଇ ରଦ୍ଦ କରାଯାଇଛି। ଏହି ଯାଞ୍ଚ ସମୟରେ ଏମଭିଆଇ ବିଜୟ କୁମାର ବେହୁରିଆ, ଆଇଆଇସି ପ୍ରଭାତ କୁମାର ସେଠୀ, ସବଇନ୍ସପେକ୍ଟର ରଙ୍କନିଧି ସାହୁ ଓ ଅଞ୍ଜନ କୁମାର ଜାଲ, ଏଏସଆଇ ଗଣେଶ ଚନ୍ଦ୍ର ପଟ୍ଟନାୟକ ଓ ସଲମନ ଭୂୟାଁ ଙ୍କ ସମେତ ପରିବହନ ବିଭାଗ ଓ ପୋଲିସ କର୍ମଚାରୀମାନେ ସାମିଲ ଥିଲେ।

# ଚକ୍ଷୁ ପରୀକ୍ଷା ଶିବିର

**ଚନ୍ଦାହାଣ୍ଡି, ୨୪।୧୦(ଡି.ଏନ.ଏ.)**

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ କୁହୁଡିଠାରେ ବିଶ୍ୱ ଦୃଷ୍ଟିଦିବସ ଅବସରରେ ଏକ ଚକ୍ଷୁ ପରୀକ୍ଷା ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଛି। ଏହି ଶିବିରରେ ସରପଞ୍ଚ ତେଜସ୍ୱିନୀ ମାଝି ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବାବେଳେ ପୂର୍ବତନ ସରପଞ୍ଚ କମଲ ସିଂ ବଞ୍ଜାରା, ୱାର୍ଡସଭ୍ୟ ବେଣୁଧର ମାଝି ପ୍ରମୁଖ ଉପସ୍ଥିତ ଥିଲେ । ଉକ୍ତ ଚକ୍ଷୁ ପରୀକ୍ଷା ଶିବିରରେ ଚନ୍ଦାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର ବସନ୍ତ କୁମାର ଷଡଙ୍ଗୀ, ସମାଜ କଲ୍ୟାଣ ଅଧିକାରୀ ତୁଷାର ରଞ୍ଜନ ସାହୁ ଉପସ୍ଥିତ ରହି ସରକାରଙ୍କ ଦ୍ୱାରା ମାଗଣା ଉପଲବ୍ଧ ହେଉଥିବା ସୁବିଧାସୁଯୋଗ ନେଇ ଚକ୍ଷୁ ପରୀକ୍ଷା କରାଇ ମାଗଣା ଚଷମା ନେଇ ବ୍ୟବହାର କରିବା ପାଇଁ ପରାମର୍ଶ ଦେଇଥିଲେ। ଉମରକୋଟ ଜୋନାଲ ହସ୍ପିଟାଲର ଚକ୍ଷୁ ସହାୟକ ରାମଚନ୍ଦ୍ର ରାମ ଉପସ୍ଥିତ ଶତାଧିକ ରୋଗୀଙ୍କୁ ଚକ୍ଷୁ ପରୀକ୍ଷା କରିଥିଲେ। ଚକ୍ଷୁ ପରୀକ୍ଷା କରାଯାଇଥିବା ରୋଗୀଙ୍କ ମଧ୍ୟରୁ ୧୫ଜଣଙ୍କ ମୋତିଆବିନ୍ଦୁ ଚିହ୍ନଟ କରାଯାଇ ୪ଜଣଙ୍କୁ ଚଷମା ପ୍ରଦାନ କରାଯାଇଥିଲା ଏବଂ ସମସ୍ତ ଚକ୍ଷୁରୋଗୀଙ୍କୁ ମାଗଣା ଔଷଧ ବଣ୍ଟନ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଫାର୍ମାସିଷ୍ଟ ରମେଶ ଦାଶ, ବାଳଗୋବିନ୍ଦ ମାଝି, ମହିଳା ସ୍ୱାସ୍ଥ୍ୟକର୍ମୀ ଦୁର୍ମିଳା ବାଗ, ଉମେଶ ଚନ୍ଦ୍ର ଜଗତ, ଯୁଧିଷ୍ଠିର ଦାସ, ଅଙ୍ଗନୱାଡି କର୍ମୀ ଅମ୍ବିକା ଗୌଡ, ଆଶାକର୍ମୀ ଗୀତାଞ୍ଜଳି ସୁନା, ମାଳତି ବଞ୍ଜାରା, କୁନ୍ତଳା ମାଝି, ହାରାମଣି ମାଝି ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ ।


ଲୋକଙ୍କ ଚକ୍ଷୁ ପରୀକ୍ଷା କରାଯାଉଛି ।

# ଜୁଆ ଆଡ୍ଡାରେ ଚଢାଉ

**ନବରଙ୍ଗପୁର,୨୪।୧୦(ବି.ପ୍ର.)**

ସ୍ଥାନୀୟ ଗାନ୍ଧିନଗର ସ୍ଥିତ ଏକ ଜୁଆ ଆଡ୍ଡା ଉପରେ ନବରଙ୍ଗପୁର ପୋଲିସ ଚଢାଉ କରି ୭୨ ହଜାର ୮୫୬ ଟଙ୍କା ଜବତ କରିଛି। ଏଥିସହ ୧୫ ଜଣ ଜୁଆଡିଙ୍କୁ ଅଟକ ରଖିଛି । ଏନେଇ ଏକ ମାମଲା ରୁଜୁ କରି ସମସ୍ତଙ୍କୁ ପୋଲିସ ଛାଡିଥିଲା । ଚଢାଉରେ ଡିଏସପି ଗୋବିନ୍ଦ ବୁରୁଦା, ଥାନା ଅଧିକାରୀ ସମେତ ପୋଲିସ ଫୋର୍ସ ସାମିଲ ହୋଇଥିଲେ।

# ଦୁର୍ଗମ ଅଞ୍ଚଳରେ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ

**ଚନ୍ଦାହାଣ୍ଡି,୨୪।୧୦(ଡି.ଏନ.ଏ)**

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ପାଟଖଲିଆ ପଞ୍ଚାୟତ ଅନ୍ତର୍ଗତ ଦୁର୍ଗମ ଅଞ୍ଚଳ କଦଳୀଭଣ୍ଡାର ଗ୍ରାମରେ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭ୍ରାମ୍ୟମାଣ ସ୍ୱାସ୍ଥ୍ୟସେବା ଟିମ ଗସ୍ତ କରି ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ମାଗଣା ଔଷଧ ବଣ୍ଟନ କରିଛନ୍ତି। ଭ୍ରାମ୍ୟମାଣ ଟିମର ଡାକ୍ତର ବସନ୍ତ କୁମାର ଷଡଙ୍ଗୀ ଉପସ୍ଥିତ ରହି ମ୍ୟାଲେରିଆ, ଥଣ୍ଡା, ଜ୍ୱର, ଡେଙ୍ଗୁ, ଝାଡାବାନ୍ତି, ଯକ୍ଷ୍ମା ଇତ୍ୟାଦି ରୋଗର କାରଣ ଏବଂ ତାର ପ୍ରତିକାର ଉପରେ ଲୋକଙ୍କୁ ସଚେତନ କରିଥିଲେ। ଗ୍ରାମାଞ୍ଚଳରେ ପରିବେଶ ପରିଚ୍ଛନ୍ନତା ରଖିବା, ଖାଦ୍ୟ ଖାଇବା ପୂର୍ବରୁ ହାତକୁ ସାବୁନରେ ସଫା କରିବା, ପାଣିକୁ ଫୁଟାଇ ପିଇବା ଉପରେ ଲୋକଙ୍କୁ ବୁଝାଇଥିଲେ। ପ୍ରକାଶ ଯେ ଚନ୍ଦାହାଣ୍ଡି ସଦର ମହକୁମାଠାରୁ ଉକ୍ତ ଗ୍ରାମ ଏକ ଦୁର୍ଗମ ଅଞ୍ଚଳ ଥିବା ବେଳେ ପଞ୍ଚାୟତ ମୁଖ୍ୟାଳୟ ଠାରୁ ଗ୍ରାମକୁ ଭଲ ରାସ୍ତା ଖଣ୍ଡିଏ ନାହିଁ। ଏଥିପାଇଁ ଉକ୍ତ ଗ୍ରାମର ରୋଗୀମାନେ ଚନ୍ଦାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଭ୍ରାମ୍ୟମାଣ ଟିମ ୩ କି.ମି ଚାଲି ଚାଲି ଯାଇ ସେଠାରେ ସ୍ୱାସ୍ଥ୍ୟସେବା ପଞ୍ଚାଇଥିବାରୁ ଗ୍ରାମବାସୀ ଖୁସି ପ୍ରକାଶ କରିଥିଲେ। ଏହି ଟିମରେ ଫର୍ମାସିଷ୍ଟ ରମେଶ ଦାଶ, ମହିଳା ସ୍ୱାସ୍ଥ୍ୟ କର୍ମୀ ପ୍ରିୟଙ୍କା ସାହୁ, ବାଳଗୋବିନ୍ଦ ମାଝି ପ୍ରମୁଖ ଉପସ୍ଥିତ ଥିଲେ।






Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ –ତଥାଗତ ସତପଥୀ